# ପିଲାଙ୍କ ଧରିତ୍ରୀ

ଶନିବାର, ୧୨ ଅକ୍ଟୋବର, ୨୦୧୯


ଗପ ୨

କବିତା ୬

ଜଣା - ଅଜଣା ୭

ଆଇନା ୮

ଆସ ଜାଣିବା ୩












## ମତାମତ

ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା ବିଜ୍ଞାନ କଥା, ଜଣା ଅଜଣା ଏବଂ କବିତା ସ୍ତମ୍ଭ ବେଶ୍ ମନଲାଖି ହେଉଛି।

**- ଜନ୍ମେଜୟ ନାୟକ,** ଚରମ୍ପା, ଭଦ୍ରକ

କୁନି କୁନି ପିଲାଙ୍କ ଦ୍ୱାରା ଅଙ୍କିତ ମା' ଦୁର୍ଗାଙ୍କ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା। ପିଲାଙ୍କ କଳାର ବିକାଶ ପାଇଁ ଏହି ପୃଷ୍ଠାଟି ବେଶ୍ ସହାୟକ ହେଉଛି।

**- ଅକ୍ଷଦା ସାହୁ,** ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ପିଲାଙ୍କ ଧରିତ୍ରୀର ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ। ଆଇନା ପୃଷ୍ଠାରେ ପ୍ରକାଶ ପାଉଥିବା ଫଟୋ ଖୁବ୍ ସୁନ୍ଦର ଲାଗୁଥିଲା।

**- ଶୁଭଙ୍କର ଚଇନି,** କାଳୁଙ୍ଗା, ରାଉରକେଲା

ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ନନ୍ଦୁ ପାଳିବ ଦଶହରା' ବେଶ୍ ଶିକ୍ଷଣୀୟ ଥିଲା। କବିତା ପୃଷ୍ଠାରେ ପ୍ରକାଶିତ ଦଶହରା ସମ୍ପର୍କିତ ସମସ୍ତ କବିତା ଭଲ ଲାଗୁଥିଲା।

**- ବିଶ୍ୱବନ୍ଦିତା ମହାପାତ୍ର,** ନଛିପୁର, କଟକ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ସାବାସ୍ ସୋହମ୍






**ସୋ**ହମ୍‌ର ବାପା ଭୁବନେଶ୍ୱରରେ ଚାକିରି କରନ୍ତି। ସେଠାରେ ସେ ରହି ପାଠ ପଢ଼େ। ଦଶହରା ଛୁଟି ପାଇଁ ଗାଁକୁ ଚାଲି ଆସିଛି। ଗାଁର ସବୁଜ ସୁନ୍ଦର ଶୋଭା ତାକୁ ଖୁବ୍ ଭଲ ଲାଗେ। ଦିନେ ସେ ତାର ବଡ଼ଭାଇଙ୍କ ସହ ବାଇକ୍‌ରେ ବସି ପାଖ ଗାଁରେ ଥିବା ତାଙ୍କ ପିଉସୀ ଘରକୁ ଯାଉଥାଏ। ଗାଁର ରୂପ କେତେ ବଦଳି ଯାଇଛି। ପୂର୍ବର ସେ ପାଣି କାଦୁଅ ରାସ୍ତା ଆଉ ନାହିଁ। ପକ୍କା ସଡ଼କ। ଗଛ ଗହଳିରେ ଅନେକ କୋଠାଘର। ରାସ୍ତାରେ ପାଣି କଳ ଲାଗିଛି। ହଠାତ୍ ସୋହମ୍ ପାଟି କରି ଉଠିଲା- ଭାଇ! ଗାଡିରଖ। ଭାଇ ଗାଡ଼ି ରଖିଦେଲେ।

ସୋହମ୍ ଗାଡିରୁ ଓହ୍ଲାଇ ଅନବରତ ପାଣି ଛୁଟୁଥିବା ରାସ୍ତା କଡରେ ଥିବା ଏକ ପାଣି କଳକୁ ବନ୍ଦ କରିଦେଲା, ଆଉ ଗାଡିରେ ବସି ଭାଇକୁ ଚଲାଇବାକୁ କହିଲା। କିଛି ବାଟ ଗଲା ପରେ ପୁଣି ଗାଡି ରଖିବାକୁ କହିଲା। ପୂର୍ବପରି ଅନବରତ ପାଣି ଛୁଟୁଥିବା ଏକ କଳକୁ ବନ୍ଦକଲା। ମାତ୍ର ସେ ବନ୍ଦ ନ ହୋଇ ପୁଣି ପାଣି ଛୁଟିବାରେ ଲାଗିଲା। ସେ ତାର ଚେଷ୍ଟା ଚଳାଇଥାଏ।

ଏଥର ଭାଇ ପାଟି କରି ଉଠିଲେ- ''ଆରେ ତୁ ଆ, ଆମେ ଯିବା, ସେ ପାଣି ସେମିତି ଚାଲେ!'' ମାତ୍ର ସୋହମ୍‌କୁ ଏସବୁ ଭଲ ଲାଗିଲା ନାହିଁ। ସେ ଖବରକାଗଜରୁ ପଢୁଛି, ଟିଭି ରେଡିଓରୁ ଶୁଣୁଛି ଅନିୟମିତ ବର୍ଷା ଓ ଜଳବାୟୁ ପରିବର୍ତ୍ତନ ହେତୁ ଏକା ଆମ ଦେଶ ନୁହେଁ; ସମଗ୍ର ବିଶ୍ୱରେ ଜଳ ସଂକଟ ଦେଖାଦେଉଛି। ଜଳକୁ ଏପରି ଅପଚୟ କରିବା ଠିକ୍ ନୁହେଁ। ଜଳ ଆମର ଜୀବନ। ତଥାପି ଭାଇଙ୍କ କଥାରେ ସେ ଗାଡିରେ ବସିଲା। କିଛି ବାଟ ଗଲା ପରେ ପୁଣି ସେହି ପାଣି ଚାଲିଥିବାର ଦୃଶ୍ୟ। ଏଥର ସେ ଭାଇଙ୍କୁ ଅନୁରୋଧ କଲା କିଛି ଗୋଟିଏ କର ଭାଇ।

ଭାଇ କହିଲେ, ''ଏ ପାଣି କଳରେ ଯେତିକି ସମୟ ପାଣି ଆସେ, ସେହି ସମୟ ଏମିତି ପାଣି ଚାଲିଥାଏ। ଏଥିରେ କହିବାର କ'ଣ ଅଛି ! ଆ ଯିବା।''

''ତୁମେ କ'ଣ ଜାଣିନ ଭାଇ, ସାର୍ କହୁଥିଲେ ମାଟିତଳେ ଥିବା ଜଳର ପରିମାଣ କମି କମି ଚାଲିଛି। ବିଶେଷକରି ଆମ ଭୁବନେଶ୍ୱରରେ ଭୂତଳ ଜଳର ପରିମାଣ ବହୁତ କମିଛି। ନଳକୂପ ଖୋଳିଲେ ବହୁତ ତଳେ ଯାଇ ପାଣି ବାହାରୁଛି। ରାଜସ୍ଥାନ ପ୍ରଭୃତି ଅଞ୍ଚଳରେ ଲୋକମାନେ ପାଣି ଟୋପାଏ ପାଇଁ ଗରା, ମାଠିଆ ଧରି ମାଇଲ୍ ମାଇଲ୍ ବାଟ ଯାଉଛନ୍ତି। ଖରାଦିନେ କୂପ, ପୋଖରୀର ପାଣି ବହୁ ତଳକୁ ଚାଲିଯାଉଛି। ହେଲେ ଏଠାରେ ଅଯଥାରେ କେତେ ପାଣି ନଷ୍ଟ ହେଉଛି ?''

ଭାଇ ଦେଖିଲେ ଛୋଟପିଲା ହେଲେବି ଭଲ କଥାଟିଏ ସୋହମ୍‌ର ମୁଣ୍ଡକୁ ଢୁକିଛି। ସେ ତ ସବୁବେଳେ ଦେଖନ୍ତି, ହେଲେ ଏକଥା କେବେ ଭାବି ନ ଥିଲେ। ବାସ୍ତବିକ ଜନସଂଖ୍ୟା ବଢୁଛି, କଳ କାରଖାନା ବଢୁଛି, ଜଳ ବହୁତ ବ୍ୟବହାର ହେଉଛି। ବର୍ଷା କମୁଛି। ଜଳ ସମସ୍ୟା ଉତ୍କଟତର ହେଲାଣି। ମାତ୍ର ଏଇ ରାସ୍ତାକଡ଼ର ପାଇପ୍‌ରୁ ଅନବରତ ପାଣି ଚାଲିଛି। କେତେଗୁଡିଏ ପାଇପ୍ ଏପରି ଅବସ୍ଥାରେ ଅଛି ଯେ, ତାକୁ ବନ୍ଦ କରି ହେବ ନାହିଁ। ଆଗାମୀ ପିଢ଼ିଙ୍କୁ ଭଲରେ ବଞ୍ଚାଇବାକୁ ହେଲେ ଜଳ ସଂରକ୍ଷଣ ଲୋଡ଼ା। ଜଳ ନଷ୍ଟ ହେବା ଅନୁଚିତ। ସୋହମ୍‌ର ମୁଣ୍ଡକୁ ଆଉଁଶି ଦେଇ ସେ କହିଲେ, ''ତୁ ଠିକ୍ କହିଛୁରେ। ଆଜିଠାରୁ ମୁଁ ମଧ୍ୟ ଶପଥ ନେଉଛି, ସବୁ ଲୋକଙ୍କୁ ଏହା କହି ସଚେତନ କରାଇବି। ସମସ୍ତେ ସଚେତନ ନ ହେଲେ ଆଗାମୀ ସମୟରେ ପାଣିଟୋପେ ପିଇବାକୁ ବି ମିଳିବ ନାହିଁ।

**– ଡ. ଜ୍ୟୋତିର୍ମୟୀ ମହାନ୍ତି,** ବାଗସାହି, ଜଗତ୍‌ସିଂହପୁର, ମୋ: ୯୦୪୦୫୭୮୭୭୨

## ଖିଲିଖିଲି ହସ

ପପୁ ଯେତେବେଳେ ଡ୍ରେସ ସଫା କରେ ସେତେବେଳେ ଯେମିତି ହେଲେ ବର୍ଷା ହୁଏ। ଥରେ ଖରା ହେବାର ଦେଖି ପପୁ ଦୋକାନକୁ ସର୍ଫ କିଣିବାକୁ ଗଲା। ସେ ଯେମିତି ଦୋକାନରେ ପହଁଞ୍ଚିଛି ଜୋର୍‌ରେ ଘଡଘଡି ମାରିଲା ଏହାଶୁଣି ପପୁ ଆକାଶକୁ ଅନାଇ କହିଲା–କ'ଣ ହେଲା ମୁଁ ତ ବିସ୍କୁଟ୍ କିଣିବାକୁ ଆସିଥିଲି।

(ଟିକୁ ଓ ମିକୁ ମଧ୍ୟରେ କଥାବାର୍ତ୍ତା)
ଟିକୁ: ଜାଣିଲୁ ମିକୁ ,ରାତିରେ ଖାଇ ସାରି ସଙ୍ଗେ ସଙ୍ଗେ ଶୋଇବା କଥା ନୁହେଁ।
ମିକୁ : କ'ଣ କରିବା କଥା ?
ଟିକୁ : କିଛି ସମୟ ହ୍ୱାଟ୍ସଆପ୍ ଓ ଫେସବୁକ୍ ଚଲାଇଲେ ଦେହ ପାଇଁ ଭଲ।

ଚନ୍ଦନ ଥରେ ଆଇ ହସ୍‌ପିଟାଲକୁ ଗଲା। ସେଠାରେ ଯାଇ ଡାକ୍ତରଙ୍କୁ କହିଲା ମୋତେ ଚଷମା ଦିଅନ୍ତୁ।
ଡାକ୍ତର: କାହାର ଆଖି ଖରାପ ହୋଇଛି ?
ଚନ୍ଦନ: ମୋ କ୍ଲାସ ଟିଚରଙ୍କର।
ଡାକ୍ତର: କ'ଣ ପାଇଁ ?
ଚନ୍ଦନ: କାରଣ ମୋତେ ସବୁବେଳେ ସେ ଗଧ ବୋଲି କହୁଛନ୍ତି ।

## ଚଗଲା ଭୀମୁ



ବିଜ୍ଞାନ କଥା

# ଭୟଙ୍କର ବିଷାକ୍ତ ପ୍ରାଣୀ 'ଜେଲିଫିଶ୍'







ପିଲାମାନେ, ତୁମମାନଙ୍କୁ ପୃଥିବୀର ବଡ଼ ବିଷାକ୍ତ ମାରାତ୍ମକ ପ୍ରାଣୀ କିଏ ବୋଲି ପ୍ରଶ୍ନ ପଚାରିଥିଲେ ତୁମେ ହଠାତ୍ ନାଗସାପ ବୋଲି କହିଦେବ। କିନ୍ତୁ ବାସ୍ତବିକ ତାହା ନୁହେଁ। ସେହି ଭୟଙ୍କର ବିଷାକ୍ତ ପ୍ରାଣୀ ହିଁ 'ଜେଲିଫିଶ୍', ଯାହାକୁ ସମୁଦ୍ର ରାକ୍ଷସ ବୋଲି କୁହନ୍ତି। ସେ ଦଂଶନ ବା କାମୁଡ଼ିଦେବାର ୫ ମିନିଟ୍ ମଧ୍ୟରେ ମୃତ୍ୟୁ ସୁନିଶ୍ଚିତ। ପ୍ରାଣୀ ବିଶେଷଜ୍ଞଙ୍କ ମତରେ ବନ୍ଧୁକର ଗୁଳିଠାରୁ ଭୟଙ୍କର, ଏ ପ୍ରାଣୀର ଦଂଶନ ମାତ୍ରେ ଏତେ ଯନ୍ତ୍ରଣା ହେବ ଯେ ବ୍ୟକ୍ତି ଚିତ୍କାର କରି ମରିଯିବେ।

ଏହାର ଶରୀର ଘଡ଼ି ଆକୃତିର, ଯାହା ୨୦ ସେମି ବ୍ୟାସ ଓ ୧୦ ସେମି ବହଳ ବିଶିଷ୍ଟ। ଏହାର ଶରୀରର ଚାରିକୋଣରୁ ବାଇଗଣି କିମ୍ବା ନୀଳରଙ୍ଗର ବିଷାକ୍ତ କଣ୍ଟାଳ ଓହଳିଥାଏ, ଯାହାର ଲମ୍ବ ୧୨୦ ସେମି ପର୍ଯ୍ୟନ୍ତ ହୋଇଥାଏ। ଗୋଟିଏ 'ଜେଲିଫିଶ୍'ର ପ୍ରାୟ ୫୦ଗୋଟି କଣ୍ଟାଳ ଥାଏ, ପୁଣି ପ୍ରତି କଣ୍ଟାଳ ଦେହରେ ୭,୫୦,୦୦୦ଟି ବିଷାକ୍ତ କୋଷ ଥାଏ ଓ ପ୍ରତ୍ୟେକ କୋଷର ବିଷ ନିର୍ଗତ କରିବାର ଶକ୍ତି ଥାଏ।



ଏହାର ଶରୀରରେ ଶତକଡ଼ା ୯୫ଭାଗ ପାଣି। ଉକ୍ତ କଣ୍ଟାଳଗୁଡ଼ିକ ଖାଦ୍ୟ ଶିକାର ଓ ଶରୀର ରକ୍ଷାରେ ସାହାଯ୍ୟ କରିଥାଆନ୍ତି।

ଏହି 'ଜେଲିଫିଶ୍' ଦୁଇସ୍ତର କୋଷବିଶିଷ୍ଟ ଅମେରୁଦଣ୍ଡୀ ଏକନଳୀଦେହୀ ପ୍ରାଣୀ । ପିଲାମାନେ, ତୁମ୍ଭେମାନେ ଅନେକ ପ୍ରାଣୀ ଯଥା– ହାଇଡ୍ରା, ପ୍ରବାଳ, ରାବଣଛତା ଆଦିର ନାମ ଶୁଣିଥିବ। ଏହା ସେହି ଶ୍ରେଣୀର ପ୍ରାଣୀ। ସେଗୁଡ଼ିକ ବିଷାକ୍ତ କିମ୍ବା ମାରାତ୍ମକ ନୁହନ୍ତି। କିନ୍ତୁ 'ଜେଲିଫିଶ୍' ସମୁଦ୍ର ପାଣିରେ ବୁଡ଼ି ବୁଡ଼ି ଲୁଚକାଳି ଖେଳ ଖେଳିବା ଭଳି ଯାଉଥାଏ। ଏହାର ଦେହ ଉପରିଭାଗ ଫୁଲ ଭଳି ଦେଖାଯାଉଥିବାରୁ କେହି କେହି ସାଗର କୁସୁମ କହିଥାନ୍ତି। ଏମାନଙ୍କ ଗଠନର ଏକ ବିଶେଷତ୍ୱ ହେଲା ଏମାନେ ଯେଉଁ ମୁହଁ ସାହାଯ୍ୟରେ ଖାଦ୍ୟ ଗ୍ରହଣ କରିବେ, ସେହି ମୁହଁ ଦେଇ ମଳତ୍ୟାଗ କରନ୍ତି। ଏମାନେ ୯୦୦୦ ଜାତିର ଅଛନ୍ତି। ଏମାନେ ଅଷ୍ଟ୍ରେଲିଆର ସମୁଦ୍ର, ଆଟଲାଣ୍ଟିକ ମହାସାଗର, ବ୍ରାଜିଲ, ଫିଲିପାଇନ୍‌ସ, ପଶ୍ଚିମ ଆଫ୍ରିକା ସମୁଦ୍ର ତଟ ଏବଂ ଭାରତ ମହାସାଗରରେ ଦେଖାଯାଆନ୍ତି।

ପିଲାମାନେ, ଜାଣିଥିବ ସୃଷ୍ଟିର ଆଦି ପ୍ରାଣୀ ହେଉଛି ଏମୋବା। ପରେ ଛିଦ୍ରାଳ ପ୍ରାଣୀ ଓ ତତ୍ପରେ ଏକନଳୀଦେହୀ 'ଜେଲିଫିଶ୍' ଜାତୀୟ ପ୍ରାଣୀ ସୃଷ୍ଟି ହୋଇଥିଲେ। ଲୋକେ ସମୁଦ୍ର ପାଣିରେ ଗାଧୋଇବା ସମୟରେ ଏମାନଙ୍କର ଆତ୍ମରକ୍ଷା ପାଇଁ ତାଙ୍କ ଶରୀରରୁ ଏକ ଛୁଞ୍ଚି ଭଳି ଅସ୍ତ୍ର ବାହାରିଥାଏ। ଏହାକୁ 'ନେମାଟୋସିଷ୍ଟ' କୁହାଯାଏ। ଏହାର ଅଗ୍ରଭାଗରେ କ୍ୟାପସୁଲ ଭଳି ଅଂଶରେ ବିଷ ରହିଥାଏ। ଏହି କ୍ୟାପସୁଲରୁ ବାହାରିଥିବା ଏକ ଲମ୍ବା ଫମ୍ପା ସୂତା ଦେଇ ବିଷ ପ୍ରାଣୀର ଯେଉଁ ଅଂଶରେ ଦଂଶନ ହେବ ସେଠାକୁ ଚାଲିଯାଏ। ସେଠାରେ ଏକ ୬ ମିମି ଓସାରର ଏକ ଲାଲ ଦାଗ ସୃଷ୍ଟି ହୋଇଥାଏ। ତତ୍‌କ୍ଷଣାତ ବିଷ ଶରୀର ସାରା ଖେଳି ରକ୍ତରେ ମିଶିଯାଏ ଓ ପ୍ରାଣୀ ୫ରୁ ୧୦ ମିନିଟ ମଧ୍ୟରେ ଚିତ୍କାର କରେ ଓ ପରେ ସଂଜ୍ଞାହୀନ ହୋଇ ମୃତ୍ୟୁମୁଖରେ ପଡ଼େ। ଶରୀରକୁ ବିଷ ଯିବା ପର୍ଯ୍ୟନ୍ତ ସେହି କଣ୍ଟାଳ ନଳୀ ଲାଗିରହିଥାଏ।

ଆଚ୍ଛା ପିଲାମାନେ, 'ଜେଲିଫିଶ୍'ର ଆଉ ଗୋଟିଏ ସାଥୀ ପ୍ରାଣୀ ହେଉଛି 'ଫାଇସେଲିଆ'। ଏହାକୁ 'ପର୍ତ୍ତୁଗୀଜ ମ୍ୟାନ ଅଫ ୱାର' ବୋଲି ମଧ୍ୟ କୁହାଯାଏ। ହଜାର ସଂଖ୍ୟାରେ ଏହି ସାଥୀ ଦ୍ୱୟ ସମୁଦ୍ରର ଅଗଭୀର ପାଣିରେ ଭାସି ଭାସି ସମୁଦ୍ରରେ ଗାଧୋଉଥିବା ପର୍ଯ୍ୟଟକମାନଙ୍କୁ ଦଂଶନ କରି ମୃତ୍ୟୁମୁଖକୁ ଟାଣି ନେଇଥାଆନ୍ତି।

ଚିକିତ୍ସକଙ୍କ ମତରେ ଏହି ପ୍ରାଣୀ ଦଂଶନରେ ଶ୍ୱାସନଳିକା ଓ ଫୁସ୍‌ଫୁସ୍‌କୁ ବାୟୁ ଯିବା ରାସ୍ତା ବନ୍ଦ ହୋଇଯାଏ। ଖାଦ୍ୟ ନଳୀ ବିକୃତ ଓ ମସ୍ତିଷ୍କ ସ୍ୱାଭାବିକ ଭାବେ ସଙ୍କୁଚିତ ହୋଇଯାଏ। ହଠାତ୍ ମୃତ୍ୟୁମୁଖରୁ ରକ୍ଷା ପାଇବାକୁ ହେଲେ ଆକ୍ରାନ୍ତ ଲୋକ ଯଦି ସମୁଦ୍ରତଟ ଦେଶରେ ଅଳ୍ପ ପାଣିରେ ଗାଧୋଉଥିବ ତେବେ ସଙ୍ଗେ ସଙ୍ଗେ କ୍ଷତ ସ୍ଥାନରୁ ସେହି କଣ୍ଟାଳ ନଳୀ ବାହାର କରି ସେହି ସ୍ଥାନରେ ତେଲ କିମ୍ବା ଆଲ୍‌କହଲ୍ ଘଷିଦେବେ। ତାଙ୍କୁ କୂଳକୁ ଆଣି ତାଙ୍କ ଛାତି ଓ ଫୁସ୍‌ଫୁସ୍ ଥିବା ସ୍ଥାନକୁ ପାପୁଲିରେ ମାଲିସ କଲେ ଚେତା ଫେରି ଆସିଥାଏ। ପୁଣି ସମୁଦ୍ର ପାଣିକୁ ଯିବା ପୂର୍ବରୁ ତା'ର ତଟଦେଶ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଭଲ ଭାବେ ନିରୀକ୍ଷଣ କରିବା ଜରୁରୀ, ନଚେତ୍ ସମୁଦ୍ରରେ ଗାଧୋଇବାର ମଜା ମଜାରେ ହିଁ ରହିଯିବ।

**–ବିନୋଦ ଚନ୍ଦ୍ର ଜେନା**
ଭିକ୍‌ଟୋରି କଲୋନୀ, ପାରଳାଖେମୁଣ୍ଡି, ଗଜପତି

ଆସ ଜାଣିବା

# ରୋବୋ ଜୁ

ପିଲାମାନଙ୍କ ମନୋରଞ୍ଜନ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ହେଉଛି ଜିଡିଆଖାନା ବା 'ଜୁ'। ଏଠାରେ ପିଲାମାନେ ବିଭିନ୍ନ ପ୍ରାଣୀ(ପଶୁ ପକ୍ଷୀ)ଙ୍କୁ ଅତି ପାଖରୁ ଦେଖିବାର ଏବଂ ଜାଣିବାର ସୁଯୋଗ ପା'ନ୍ତି। ତେବେ ବ୍ୟାଙ୍କକର ଚିଲ୍‌ଡ୍ରେନସ୍ ଡିସ୍କଭରି ମ୍ୟୁଜିୟମ୍ ଠାରେ ରହିଛି ଏଭଳି ଏକ ସ୍ଥାନ ଯାହା 'ରୋବୋ ଜୁ' ଭାବେ ବେଶ୍ ପରିଚିତ। ଏହି ମ୍ୟୁଜିୟମରେ ଥିବା ସମସ୍ତ ପ୍ରାଣୀ ହେଉଛନ୍ତି ଜୈବଯାନ୍ତ୍ରିକ । ଯନ୍ତ୍ର ଦ୍ୱାରା ପରିଚାଳିତ ଏହି ରୋବୋ ପ୍ରାଣୀ, କୀଟପତଙ୍ଗ ଆଦି ଜୀବନ୍ତ ଭଳି ଚଳ ପ୍ରଚଳ କରିଥାନ୍ତି। ପିଲାମାନେ ଏଠାରେ ରଙ୍ଗ ବଦଳାଉଥିବା ଏଣ୍ଡୁଅ, ଡିଆଁ ମାରୁଥିବା ଝିଣ୍ଟିକା, ଛାତରୁ ଓହଳିଥିବା ବାଦୁଡି ଆଦିର ଯନ୍ତ୍ରବତ୍ ଚଳପ୍ରଚଳକୁ ଦେଖିବା ସହ ପ୍ରାକୃତିକ ପରିବେଶରେ ଏମାନେ କିଭଳି ଭାବେ ବସବାସ କରିଥାନ୍ତି ସେ ବିଷୟରେ ଜାଣିବାର ମଧ୍ୟ ସୁଯୋଗ ପାଇଥାନ୍ତି।











୧



୨



୩



୪



୫



୬



୭



୮



୯

୧ ପୀୟୂଷ ପଟେଲ୍
କ୍ଲାସ – ୪, ଚିନ୍ମୟ ବିଦ୍ୟାଳୟ, ଦେଓଗଡ



୨ ଗଗନ କୁମାର ନାଏକ
କ୍ଲାସ – ୩,ନୋଟାରୀ ଡ୍ୟାମ୍ ଏକାଡେମୀ ସ୍କୁଲ, ଦେଓଗଡ



୩ ଆକାଶ କୁମାର ପାତ୍ର
କ୍ଲାସ– ୩,ନୋଟାରୀ ଡ୍ୟାମ୍ ଏକାଡେମୀ ସ୍କୁଲ, ଦେଓଗଡ



୪ ଅଙ୍କିତ୍ ଶୁଭ୍ରଜିତ୍ ସାହୁ
କ୍ଲାସ–୬,ଓଡିଶା ଆଦର୍ଶ ବିଦ୍ୟାଳୟ,ଜଳଶପେଟା, ତୁମୁଡିବନ୍ଧ,କନ୍ଧମାଳ



୫ ସାଇ ଶୁଭସ୍ମିତା ପାତ୍ର
କ୍ଲାସ – ୨, ସୁନ୍ଦରଗଡ ପବ୍ଲିକ୍ ସ୍କୁଲ, ସୁନ୍ଦରଗଡ



୬ ଶ୍ରେୟାଂଶ ରାଉତ
କ୍ଲାସ – ୬, ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲ, ବରଗଡ



୭ ସୋନାଦିତ୍ ସାହୁ
କ୍ଲାସ –୬, କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର



୮ ପ୍ରଭାତୀ ମହାପାତ୍ର
କ୍ଲାସ – ୧, ସାଇ ଶିକ୍ଷା ପରିଷଦ, ସମ୍ବଲପୁର



୯ ଅଭିଲିପ୍ସା ଶତପଥୀ
କ୍ଲାସ – ୨, କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁର



# କୁମାର ପୂର୍ଣ୍ଣିମା

ଦଶରା ପରେ ଯେବେ ଧରାରେ
ପୂନେଇ ଚାନ୍ଦ ହସେ
କୁଆଁର ପୁନି ଆସିଛି ଜାଣି
କୁଆଁରୀ ମନ ହରଷ ପୁଣି
ନାନା ରଙ୍ଗରେ ରସେ।
କପାଳେ ଦେଇ କୁଙ୍କୁମ ଟିକା
ବସନ ନୂଆ ପିନ୍ଧେ
ଗଜରା ହାର ବେଣୀରେ ଦେଇ
କଜଳ ଗାର ଆଖିରେ ନାଇ
ସାଜେ ସେ ନୂଆ ଛନ୍ଦେ।
ଚଉରା ମୂଳ ସଫା ସୁତୁରା
କରେ ସାଥୀଙ୍କ ମେଳେ
ମୁରୁଜ ବୁଣି ସଜାଡି କୋଠି
କେତେ ଦରବ କରି ଏକାଠି
ପ୍ରଦୀପଟିଏ ଜାଳେ।
ଆଞ୍ଜୁଳି ଟେକି, ଚକଟେ ଚାନ୍ଦ
କଣେଇ ଦେଖେ ଜହ୍ନ
ଜହ୍ନ ପରିକା ସୁନ୍ଦର ବର
ରୂପଗୁଣରେ ରାଜକୁମାର
ପାଇବା ପାଇଁ ମନ।
କେତେ ଯେ ସାଥୀ କେତେ ସଙ୍ଗାତ
କେ ଅବା ବସେ ଚାନ୍ଦ
ମଧୁର କେତେ ସମ୍ପର୍କ ଯୋଡ଼େ
ହୃଦୟ ଗଣ୍ଠି କେବେ ନ ଛିଡ଼େ
ନ ମାନେ ବାଡ଼ ବନ୍ଧ।
ମହାନ୍ କେତେ ସଂସ୍କୃତି ଆମ
ଆମ ଏ ପରମ୍ପରା
କନ୍ୟା ଯେ ଅଟେ ସାକ୍ଷାତ ଦେବୀ
ତା'ର ମହତ ସୁରକ୍ଷା ଲାଗି
ପରବ ପାଳେ ଧରା।
ଏ ଶୁଭ ଦିନେ ମା' ଗଜଲକ୍ଷ୍ମୀ
ଧରାରେ ଅବତରି
ଧନଧାନ୍ୟରେ ଭରନ୍ତି କ୍ଷେତ
ସୁଖେ ପାଳନ୍ତି ଜୀବଜଗତ
ଦେଇ କରୁଣା ବାରି।

– ଛନ୍ଦା ମିଶ୍ର
୩ଆର/୬, ବିଜେବି ନଗର, ଭୁବନେଶ୍ୱର



## କ ବି ତା



# ଜୟ ଲକ୍ଷ୍ମୀ ମାତା

ଜୟ ଲକ୍ଷ୍ମୀ ମାତା ଡାକିଦେଲେ ଥରେ
ସ୍ନେହେ କୋଳେଇ ନେଉ ପଣତେ
କଲ୍ୟାଣମୟୀ ଅନ୍ନପୂର୍ଣ୍ଣା ମାତା
ତୋ ପରି କେହି ନାହିଁ ଜଗତେ।
ତୁ ମା' ଲକ୍ଷ୍ମୀ ତୁ ସରସ୍ୱତୀ,
ତୁ ତ ମା' ଦୁର୍ଗା
ବିଭିନ୍ନ ରୂପେ ଅବତରି ମା' ପାଉଛୁ ତୁ
ଅଗ୍ରପୂଜା।
ଯେଉଁନାମେ ତୋତେ ଭକତ ଡାକଇ
ସନ୍ତାନ ଉପରେ ପ୍ରସନ୍ନ ତୁ ହେଉଥାଉ
ସନ୍ତାନବତ୍ସଳା ଜନନୀ ତୁ ମା
ଦୁଃଖୀ ରଙ୍କକୁ ସୁଖ ଶାନ୍ତି ଦେଉଥାଉ
ସଙ୍କଟ ହାରିଣୀ ଲକ୍ଷ୍ମୀ ଠାକୁରାଣୀ
ସଦା ମାତା ଦୟା ସନ୍ତାନରେ ରଖ
ପବିତ୍ର କୁମାରପୂର୍ଣ୍ଣିମା ଦିବସରେ
ଘେନ ମାତା କୋଟି କୋଟି ପ୍ରଣିପାତ।



–ମନୀଷା ରୟ, ଶେଖ୍ ବଜାର,
ନିୟୁ କଲୋନୀ, କଟକ

# କହିଲ ଦେଖି



ପିଲା ବୁଢାଙ୍କର ବେଶି ଆଦର
ଯୁବକ ଯୁବତୀ ପ୍ରିୟ ସମ୍ଭାର।
ସେଲ୍ଫି, ରେକର୍ଡ଼, ଖବର ଦେଇ
ଛୋଟିଆ ଯନ୍ତର, ମିଛୁଆ ହୋଇ।
ରହିଛି ସଭିଙ୍କ ହାତ ପାଖରେ
ବ୍ୟାଙ୍କ ନୁହେଁ ଟଙ୍କା
ପଠାଇପାରେ।
ସକାଳୁ ଉଠାଏ ସମୟ କହେ
ସମ୍ମିଶ୍ରଣ ଯନ୍ତ୍ର କ୍ଷୁଦ୍ର ରୋବଟ
ନୁହେଁ।

ଉତ୍ତର: ମୋବାଇଲ



ଭଲ ମନ୍ଦ ସବୁ ପାରଇ ଦେଖି
ଅପକର୍ମ ପାଇଁ ସାଜଇ ସାକ୍ଷୀ।
କେହି କାହିଁ ନାହିଁ ଅନ୍ଧାର ପକ୍ଷ
ଆମ ଅପକର୍ମ ପାଇଁ କରିବ ଲକ୍ଷ୍ୟ।
ଖୁସିରେ ଖସିବା ଭାବୁଭାବୁ
ପାଖେ ଆସି ମିଳେ
ପୋଲିସ ବାବୁ।

ଉତ୍ତର: ସିସି ଟିଭି



ଯାନ ଦୁଇ ଚକିଆ ଚଳାଅ ଯେବେ
ନ ରଖିଲେ ପାଖେ ବିପଦ ତେବେ।
ଧରିବ ପୋଲିସ କାଟିବ ଚାଲାଣ
ବଡ଼ ନୁହେଁ ଦଣ୍ଡ ଯିବ ପରାଣ।
ଯଦି ଆକସ୍ମିକ ଦୁର୍ଘଟଣା ରାକ୍ଷସ
ତୁମ ଚଲାପଥେ ହୋଇବ ଦୃଶ୍ୟ।
କହିବ ତୁମ ବାବାଙ୍କୁ ବୁଝାଇବାରେ
ବାହାରକୁ ଯିବେ ମୁଣ୍ଡେ
ମୁଣ୍ଡେଇ ଖୁସିରେ।

ଉତ୍ତର: ହେଲମେଟ୍



ନୁହଁଇ ଚାକର କରଇ କାମ
ନୁହେଁ ଜଗୁଆଳି ଜଗଇ ଧାମ।
ନୁହେଁ ମାଆ ଅଳି ଅର୍ଦ୍ଦଳି ବୁଝେ
ନୁହଁଇ ସୈନିକ ଶତ୍ରୁ ସାଥେ ଯୁଝେ।
ନିରଳ ସ୍ୱାଭିମାନ ସେ ବେଶି
ନ୍ୟାୟ ସତ୍ୟଠାରେ ଥୁଅଇ ଖୁସି।
ନିର୍ଦ୍ଦେଶ ପାଳିବା ଧର୍ମ ତାହାର
କହିବ ବିଚାରି ନାମ ଏଥର।

ଉତ୍ତର–ରୋବୋ

–ରମାକାନ୍ତ ପୁରୋହିତ, ନିରାକାରପୁର, ଖୋରଧା

## ଏ ଥ ର ର ପ୍ର ଶ୍ନ

### କେଉଁଟି ଅଲଗା

★ ଗ୍ୟାସ୍ ଷ୍ଟୋଭ, ଗ୍ରାଇଣ୍ଡର, କମ୍ପ୍ୟୁଟର, ଆଇରନ୍ ବକ୍ସ
★ କଇଁଛ, କଙ୍କଡା, ମାଛ, ବେଙ୍ଗ
★ ଆମ୍ବ, ଡାଳିମ୍ବ, ପିଜୁଳି, ଅମୃତଭଣ୍ଡା
★ ସ୍ୱେଟର, ମଫଲର, ପ୍ୟାଣ୍ଟ, ସାଲ
★ ପିଆନୋ, ଗିଟାର, ତବଲା, ହ୍ୱିସିଲ

## ଆରଥରର ଉତ୍ତର

* ଦଶହରା, ଦୁର୍ଗୋତ୍ସବ, ବିଜୟାଦଶମୀ
* ୯ ଦିନ
* ବ୍ରହ୍ମାସ୍ତ୍ର
* ୪ ଜଣ
* ମହିଷାସୁର

## ଆ ସ ଖୋ ଜି ବା



# ଜଣା ଅଜଣା

ପୃଥିବୀର ପ୍ରାୟ
୩୩ ପ୍ରତିଶତ
ଅଞ୍ଚଳ କେବଳ
ମରୁଭୂମି ଦ୍ୱାରା
ଆଚ୍ଛାଦିତ।



ଗବେଷଣା ଅନୁଯାୟୀ
ମଣିଷମାନଙ୍କ ଭଳି
ମୂଷାଙ୍କୁ କୁତ୍‌କୁତ୍
କରିବା ଦ୍ୱାରା ସେମାନେ
ହସିଥାନ୍ତି।





କିଛି ଧାତୁ ଏତେ
ମାତ୍ରାରେ ପ୍ରତିକ୍ରିୟାଶୀଳ
ଥା'ନ୍ତି ଯେ ସେଗୁଡ଼ିକ
ପାଣିର ସଂସ୍ପର୍ଶରେ
ଆସିଲା ମାତ୍ରେ
ବିସ୍ଫୋରଣ
କରିଥାନ୍ତି।



ସାଧାରଣତଃ
ଝିଣ୍ଟିକା ଲମ୍ଫପ୍ରଦାନ
କରୁଥିବା ବେଳେ କିଛି
ଝିଣ୍ଟିକା ପ୍ରଜାତି ଡେଣା
ସାହାଯ୍ୟରେ ଉଡ଼ି ମଧ୍ୟ
ପାରନ୍ତି।



ବିଛାର ପ୍ରାୟ ୨୦୦୦
ପ୍ରଜାତି ରହିଛି।
ଆଣ୍ଟାର୍କଟିକା ବ୍ୟତୀତ
ପୃଥିବୀର ସମସ୍ତ ଭାଗରେ
ଏହାକୁ ଦେଖିବାକୁ ମିଳେ।

ଅମ୍ଳଜାନ
ଗ୍ୟାସର କୌଣସି
ସ୍ୱାଦ ବା ରଙ୍ଗ ନଥାଏ
କିନ୍ତୁ ତରଳ ଏବଂ
କଠିନ ଅବସ୍ଥାରେ
ଏହା ଈଷତ ନୀଳ
ଦେଖାଯାଏ।



# ଆଇନା



ସାର୍ଥକ
୬ ବର୍ଷ



ତ୍ରିଶା
୬ ବର୍ଷ



ଆନ୍ୟା
୭ ବର୍ଷ